

# ସତ୍ୟବାକ୍ୟ

# THE WORD OF TRUTH

**NOVEMBER & DECEMBER 2017**

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

Edited and Published By

***Joshua & Kabita Gootam***

**CHURCH OF CHRIST**

P.O. Box - 80, Kakinada, A.P. 533 001.

Ph : 0884-2363722

**Vol-23.Nov. & Dec. 2017. No-6**

***Published every two months in Oriya language for the Restoration of the pure New Testament Christianity***


---

**THE CHASTISING OF ISRAEL BY THE LORD**

Text : 'Will a man rob God? Yet ye have robbed me. But ye say, Wherein have we robbed thee? In tithes and offerings. Ye are cursed with a curse; for ye have robbed me, even this whole nation.' (Mal 3:8-9).

**Discussion :**

1. The specific charges the Lord laid on the Israelites.

A. The Lord charged the priests that they despised the Lord's name.

1. The Lord was their Father and their master yet the priests despised Him (Mal.1:6a-c).

2. They polluted the Lord's Table (Mal.1:7).

3. They have profaned the name of the Lord (Mal. 1:12).

B. The Lord charged the Israelites were going away from the Lord.

1. From the days of their fathers they moved away from the Lord (Mal.3:7a)

a. Their fathers murmured against God (Deut. 1:26).

b. Their fathers have offered sacrifices to foreign gods (Deut. 32:17).

c. Their fathers have sinned when they were brought out of Egypt (Josh. 24:15).

d. Their fathers have killed the prophets that God had sent for them (Acts. 7:51).

2. But the Israelites have failed to keep His ordinances (Mal. 3:7b).

a. The Lord commanded Israel to teach His ordinances to their children (Deut. 6:7).

b. But they taught them not (Judge. 2:10).

c. Even the generation to which Malachi was prophesying did not keep His ordinances (Mal. 3:7).

C. The Lord charged that the Israelites were robbing God.

# ସତ୍ୟବାଣୀ

# VOICE OF TRUTH

VOL - XXIII KAKINADA NOV-DEC-2017


## କର୍ତ୍ତବ୍ୟଶୀଳ

### (Learning to be Responsible)

ଉପଦେଶକ ଆପଣା ଲେଖନୀର ଶେଷରେ କହନ୍ତି, ''ସାରକଥା ଏହି, ସବୁ ଶୁଣାଯାଇଅଛି, ପରମେଶ୍ୱରଙ୍କୁ ଭୟ କର ଓ ତାହାଙ୍କର ଆଜ୍ଞାସବୁ ପାଳନ କର, କାରଣ ଏହା ହିଁ ମନୁଷ୍ୟର ପୂର୍ଣ୍ଣ କର୍ତ୍ତବ୍ୟ କର୍ମ । ଯେହେତୁ ପରମେଶ୍ୱର ପ୍ରତ୍ୟେକ କର୍ମ, ପୁଣି ଭଲ କି ମନ୍ଦ ପ୍ରତ୍ୟେକ ଗୁପ୍ତ ବିଷୟ ବିଚାରରେ ଆଣିବେ ।'' (ଉପଦେଶକ ୧୨:୧୩,୧୪) । ଆମ୍ଭମାନଙ୍କ କୃତ ପ୍ରତ୍ୟେକ କର୍ମ ବିଷୟରେ ଆମ୍ଭମାନଙ୍କୁ ପରମେଶ୍ୱରଙ୍କୁ ହିସାବ ଦେବାକୁ ହେବ । ଜଗତର ଅନ୍ୟ ଜୀବଜନ୍ତୁ ବିଚାର ଦିନରେ ପରମେଶ୍ୱରଙ୍କ ଛାମୁରେ ହିସାବ ଦେବାର ଆବଶ୍ୟକତା ନାହିଁ । କିନ୍ତୁ ମନୁଷ୍ୟ ପରମେଶ୍ୱରଙ୍କ ପ୍ରତିମୂର୍ତ୍ତୀରେ ସୃଷ୍ଟି ହୋଇଥିବାରୁ, ଭଲମନ୍ଦର ଜ୍ଞାନଯୁକ୍ତ ପ୍ରାଣୀ ହୋଇଥିବାରୁ, ତାହାର କର୍ମ ସକାଶୁ ସେ ପରମେଶ୍ୱରଙ୍କ ବିଚାର ସିଂହାସନ ସମ୍ମୁଖରେ ଉପସ୍ଥିତ ହେବ । ମନୁଷ୍ୟମାନଙ୍କ ଶରୀର କ୍ଷଣସ୍ଥାୟୀ କିନ୍ତୁ ଆତ୍ମା ନିତ୍ୟଜୀବି । ଆମ୍ଭେମାନେ ପରମେଶ୍ୱରଙ୍କ ସାଦୃଶ୍ୟରେ ସୃଷ୍ଟ ହୋଇଥିବାରୁ, ତାହାଙ୍କ ସଦୃଶ୍ୟ ନିତ୍ୟଜୀବି ଅଟୁ । ଆମ୍ଭେମାନେ କେବେ ବି ଅସ୍ତିତ୍ୱ ହରାଇବୁ ନାହିଁ । ଦୁର୍ଘଟଣା, ରୋଗ, ବୃଦ୍ଧାବସ୍ଥା ଆମ୍ଭମାନଙ୍କ ଶରୀରକୁ ନଷ୍ଟ କରିପାରେ, କିନ୍ତୁ ଆତ୍ମାକୁ ନୁହେଁ । ଏହି ଜଗତରେ ଜୀବନଯାପନ ଦ୍ୱାରା ଆମ୍ଭେମାନେ ମରଣ ପରେ କେଉଁସ୍ଥାନକୁ ଯିବୁ ତାହା ନିର୍ଣ୍ଣିତ ହୋଇଥାଏ । ମରଣ ପରେ ପୁନର୍ବାର ଏହି ଜଗତରେ ଆମ୍ଭେମାନେ ପୁନଃଜନ୍ମ ଗ୍ରହଣ କରିବୁ ନାହିଁ, କାରଣ ବାକ୍ୟ କହେ

ମନୁଷ୍ୟ ଥରେ ମାତ୍ର ମୃତ୍ୟୁ ଭୋଗିବ, ତା'ପରେ ବିଚାର (ଏବ୍ରୀ ୯:୨୭) ମନୁଷ୍ୟର ମୃତ୍ୟୁ ପରେ,ମ ନୁଷ୍ୟର ଆତ୍ମା କେବଳ ଦୁଇଟି ସ୍ଥାନରେ ବାସ କରିପାରେ । ଯାହାର ନାମ ସ୍ୱର୍ଗ ଓ ନରକ ଅଟେ । ଦୁଷ୍ଟ ଓ ପରିତ୍ରାଣପ୍ରାପ୍ତ ହେବା ଲୋକମାନଙ୍କ ବିଷୟରେ ପ୍ରଭୁ କହନ୍ତି,''ଏମାନେ ଅନନ୍ତ ଶାସ୍ତି, କିନ୍ତୁ ଧାର୍ମିକମାନେ ଅନନ୍ତ ଜୀବନ ଭୋଗ କରିବାକୁ ଯିବେ ।'' (ମାଥିଉ ୨୫:୪୬)

ଖ୍ରୀଷ୍ଟ ଆମ୍ଭମାନଙ୍କ ଆଦର୍ଶ । ବାକ୍ୟ କହେ, ''ଏଥିନିମନ୍ତେ ତୁମ୍ଭେମାନେ ଆହୂତ ହୋଇଅଛ । କାରଣ ତୁମ୍ଭେମାନେ ଯେପରି ଖ୍ରୀଷ୍ଟଙ୍କର ପଦଚିହ୍ନ ଦେଇ ଗମନ କର, ସେଥିପାଇଁ ସେ ମଧ୍ୟ ତୁମ୍ଭମାନଙ୍କ ନିମନ୍ତେ ଦୁଃଖଭୋଗ କରି ତୁମ୍ଭମାନଙ୍କୁ ଗୋଟିଏ ଆଦର୍ଶ ଦେଖାଇ ଦେଇଯାଇଛନ୍ତି ।'' (୧ମ ପିତର ୨:୨୧) ଖ୍ରୀଷ୍ଟ ଆପଣା ଜୀବନରେ କିପରି କର୍ତ୍ତବ୍ୟ ସାଧନ କରିଥିଲେ, ତାହାଙ୍କ ଜୀବନୀରୁ ପଢ଼ିପାରୁ । ବାଲକାବସ୍ଥାରେ ଯୀଶୁଖ୍ରୀଷ୍ଟ ଆପଣାମାତାଙ୍କୁ କହିଥିଲେ,''..........ମୋହର ପିତାଙ୍କ ଗୃହରେ ରହିବା ଯେ ମୋହର କର୍ତ୍ତବ୍ୟ, ଏହା କଅଣ ଜାଣିନଥିଲ ? (ଲୂକ ୨:୪୪) । ବାପ୍ତିଜକ ଯୋହନ ଯେତେବେଳେ ତାହାଙ୍କୁ ବାପ୍ତିସ୍ମ ଦେବାକୁ ମନା କରିଥିଲେ, ସେତେବେଳେ ସେ ତାହାଙ୍କୁ କହିଲେ,''.........ଏବେ ସମ୍ମତ ହୁଅ, କାରଣ ଏହି ପ୍ରକାରେ ସମସ୍ତ ଧର୍ମକର୍ମ ସାଧନ କରିବା ଆମ୍ଭମାନଙ୍କର ଉପଯୁକ୍ତ.........'' (ମାଥିଉ ୩:୧୫) ଖ୍ରୀଷ୍ଟ ଯଦିଓ ଈଶ୍ୱର ଅଟନ୍ତି, ଐଶ୍ୱରିକତ୍ୱ ତ୍ୟାଗ କରି ଦାସରୂପ ଧାରଣ କରି ଆମ୍ଭମାନଙ୍କ ମୁକ୍ତି ନିମନ୍ତେ ଏହି ଜଗତରେ ଅବତରଣ କରିଥିଲେ, କାରଣ ମନୁଷ୍ୟ ଆପଣାକୁ ଆପେ ପାପରୁ ମୁକ୍ତି ପାଇବା ଅସମ୍ଭବ । ସମସ୍ତେ ତ ପାପ କରି, ପରମେଶ୍ୱରଙ୍କ ଅନୁଗ୍ରହରୁ ପତିତ ହୋଇଅଛନ୍ତି । ଖ୍ରୀଷ୍ଟ, କ୍ଲେଶ ଭୋଗ ଦ୍ୱାରା ଆଜ୍ଞାବହତା ଶିକ୍ଷା କରିଥିଲେ ବୋଲି ଏବ୍ରୀ ୫:୮ ପଦରେ ପଢ଼ିପାରୁ । ବିନଷ୍ଟ ହୋଇଯାଉଥିବା ମାନବ ଜାତି ନିମନ୍ତେ ତାହାଙ୍କ ଆବଶ୍ୟକତା ବୁଝି, ସେ ସ୍ୱର୍ଗ ତ୍ୟାଗ କରି ପୃଥିବୀରେ ଅବତରଣ କରିଥିଲେ । ''....ଆଉ ନିଜେ ନିଜର ନୁହଁ । କାରଣ ତୁମ୍ଭେମାନେ ବିଶେଷ ମୂଲ୍ୟରେ କିଣାଯାଇଅଛ, ଏଣୁ ତୁମ୍ଭମାନଙ୍କ ଶରୀରରେ ଈଶ୍ୱରଙ୍କ ଗୌରବ ପ୍ରକାଶ କର ।'' (୧ମ କରିନ୍ଥୀ

୬:୧୯,୨୦) ଆପଣଙ୍କ ଅଙ୍ଗପ୍ରତ୍ୟଙ୍ଗ କିପରି ବ୍ୟବହାର କରୁଅଛ ? ତୀମଥିଙ୍କୁ ପାଉଲ କହନ୍ତି,"..........ଈଶ୍ୱରଙ୍କ ନିକଟରେ ଆପଣାକୁ ପରୀକ୍ଷାସିଦ୍ଧ ଦେଖାଇବାକୁ ଯତ୍ନ କର।" (୨ ତୀମଥି ୨:୧୫)। ଆପଣଙ୍କ କାର୍ଯ୍ୟକଳାପ, କଥାବାର୍ତ୍ତା, ଆଚାରବ୍ୟବହାର, ଅଭ୍ୟାସ ପରମେଶ୍ୱରଙ୍କ ନିକଟରେ ପରୀକ୍ଷାସିଦ୍ଧ କି ? ବିଚାର ଦିନରେ ଆମ୍ଭମାନଙ୍କ ଶରୀର ଦ୍ୱାରା କରାଯାଇଥିବା କର୍ମ ଦ୍ୱାରା ଆମ୍ଭେମାନେ ବିଚାରିତ ହେବା। ଆମ୍ଭମାନଙ୍କ ଶରୀର ଓ ଆତ୍ମାର ଦାୟିତ୍ୱ ଆମ୍ଭମାନଙ୍କ ହାତରେ ଅଛି। ଖ୍ରୀଷ୍ଟ କହିଲେ, "ଆଉ, ମନୁଷ୍ୟ ଯେବେ ସମସ୍ତ ଜଗତ ଲାଭ କରି ନିଜ ଜୀବନ ହରାଏ, ତେବେ ତାହାର କି ଲାଭ ?" (ମାର୍କ ୮:୩୬)

ପରମେଶ୍ୱରଙ୍କ ଦତ୍ତ ଆମ୍ଭମାନଙ୍କ ସନ୍ତାନସନ୍ତତିମାନଙ୍କ ଭଲମନ୍ଦର ଦାୟିତ୍ୱ ଆମ୍ଭମାନଙ୍କୁ ଦତ୍ତ ହୋଇଅଛି। ପରମେଶ୍ୱରଙ୍କ ଭୟ ଓ ଜ୍ଞାନରେ ସନ୍ତାନମାନଙ୍କୁ ଲାଳନପାଳନ କରିବା ପିତାମାତାଙ୍କ କର୍ତ୍ତବ୍ୟ। ସନ୍ତାନ ସନ୍ତତିମାନେ ଯେପରି ଦୈନିକ ବାକ୍ୟାଧ୍ୟାନ କରନ୍ତି, ବାଇବଲ କ୍ଲାସରେ ଯୋଗ ଦିଅନ୍ତି ଓ ମଣ୍ଡଳୀର ଉପାସନାରେ ନିୟମିତ ଭାବେ ଯୋଗ ଦିଅନ୍ତି ଏ ବିଷୟରେ ପିତାମାତା ଧ୍ୟାନ ଦେବା ଆବଶ୍ୟକ। ଠିକ୍ ସେହିପରି, ସନ୍ତାନସନ୍ତତିମାନେ ପିତାମାତାମାନଙ୍କ ଆଜ୍ଞାବହ ହୋଇ ସମ୍ମାନିତ କରିବା ଆବଶ୍ୟକ। (ଏଫିସୀ ୬:୧,୨)

ସ୍ୱାମୀ ଓ ଭାର୍ଯ୍ୟା ପ୍ରତ୍ୟେକେ ପରସ୍ପରର ଭାର ବୋହିବା ଆବଶ୍ୟକ। ବାକ୍ୟ କହେ, "ହେ ସ୍ତ୍ରୀମାନେ, ତୁମ୍ଭେମାନେ ଯେପରି ପ୍ରଭୁଙ୍କର ବଶୀଭୂତା, ସେହିପରି ଆପଣା ଆପଣା ସ୍ୱାମୀର ବଶୀଭୂତା ହୁଅ, କାରଣ ଖ୍ରୀଷ୍ଟ ଯେପରି ମଣ୍ଡଳୀର ମସ୍ତକ ସ୍ୱରୂପ, ସ୍ୱାମୀ ମଧ୍ୟ ସ୍ତ୍ରୀର ମସ୍ତକ ସ୍ୱରୂପ, ପୁଣି ଖ୍ରୀଷ୍ଟ ଆପଣା ଶରୀର ରୂପ ମଣ୍ଡଳୀର ତ୍ରାଣକର୍ତ୍ତା। କ୍ରୁଶରେ ହତ ହୋଇ କ୍ଳେଶ ଭୋଗ କରିବା ସମୟରେ, ଆପଣା ମାତାଙ୍କ ପ୍ରତି ଦୟାବହି ଯୋହନଙ୍କୁ ଦର୍ଶାଇ କହିଲେ,"..........ଦେଖ, ତୁମ୍ଭର ପୁତ୍ର, ତତ୍ପରେ ସେ ସେହି ଶିଷ୍ୟଙ୍କୁ କହିଲେ, ଦେଖ, ତୁମ୍ଭର ମାତା...........।" (ଯୋହନ ୧୯:୨୬,୨୭) ମରିୟମଙ୍କ ବୃଦ୍ଧାବସ୍ଥାରେ, ତାହାଙ୍କର ତତ୍ତ୍ୱାବଧାନ ନିମନ୍ତେ କର୍ତ୍ତବ୍ୟଶୀଳ ଯୀଶୁ, ଯୋହନଙ୍କୁ ଆପଣା ମାତାର ତତ୍ତ୍ୱାବଧାନର ଭାର ସମର୍ପି ଥିଲେ। ତାହାଙ୍କ ବିଷୟରେ ବାକ୍ୟ କହେ, "ଆଉ, ଯୀଶୁ ଜ୍ଞାନରେ ଓ ଶରୀରରେ

ପୁଣି ଈଶ୍ୱରଙ୍କ ଓ ମନୁଷ୍ୟମାନଙ୍କ ଅନୁଗ୍ରହରେ ବୃଦ୍ଧି ପାଇଲେ ।'' (ଲୂକ ୨:୫୨)

ପରମେଶ୍ୱରଙ୍କ ପ୍ରତି ଓ ମନୁଷ୍ୟ ସମାଜ ପ୍ରତି ଆପଣଙ୍କ କର୍ତ୍ତବ୍ୟ କଅଣ ଆପଣ କି ବୁଝିପାରିଅଛନ୍ତି ? ତାହାଙ୍କ ବିଚାର ସିଂହାସନରେ ଉପସ୍ଥିତ ହେବାକୁ ଯାଉଛି ଯେ ଆପଣ, ଆପଣ କି ପ୍ରସ୍ତୁତ ଅଟନ୍ତି ? ସର୍ବପ୍ରଥମେ ତାହାଙ୍କ ରାଜ୍ୟ ଓ ନୀତି ଅନ୍ୱେଷଣ କରିବା ନିମନ୍ତେ ସେ ଆମ୍ଭମାନଙ୍କ ଠାରୁ ଲୋଡ଼ନ୍ତି । ଅର୍ଥାତ୍ ପରମେଶ୍ୱରଙ୍କ ଇଚ୍ଛାପାଳନ ଆମ୍ଭମାନଙ୍କ ସର୍ବପ୍ରଥମ କର୍ତ୍ତବ୍ୟ ହେଉ । ଆମ୍ଭେମାନେ କରିବାକୁ ଯାଉଥିବା ପ୍ରତ୍ୟେକ କାର୍ଯ୍ୟ ପରମେଶ୍ୱରଙ୍କ ତୁଷ୍ଟ କି ନୁହେଁ ପ୍ରଥମେ ବୁଝିବା ଆବଶ୍ୟକ । ଈଶ୍ୱରଙ୍କ ପୁତ୍ର ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କ ପରିତ୍ରାଣ ନିମନ୍ତେ ଦୁଃଖ ଭୋଗିଲେ ଏହା ବିଶ୍ୱାସ କରି, ଆପଣା ଆପଣା ପାପରୁ ମନ ପରିବର୍ତ୍ତନ କରି, ପାପକ୍ଷମା ନିମନ୍ତେ ବାପ୍ତିସ୍ମ ଗ୍ରହଣ କରିବା, ପରମେଶ୍ୱର ଆମ୍ଭମାନଙ୍କ ଠାରୁ ଲୋଡ଼ନ୍ତି । (ଯୋହନ ୩:୧୬, ୧ମ ଯୋହନ ୪:୧୦, ୨ କରିନ୍ଥୀ ୫:୨୧, ପ୍ରେରିତ ୮:୩୬-୩୯)

ଆମ୍ଭମାନଙ୍କ କାର୍ଯ୍ୟକଳାପ ନିମନ୍ତେ ଆମ୍ଭେମାନେ ଦାୟୀ । କରିନ୍ଥୀୟ ମଣ୍ଡଳୀକୁ ପ୍ରେରିତ ପାଉଲ ଲେଖନ୍ତି,''ଅବା ତୁମ୍ଭମାନଙ୍କ ଶରୀର ଯେ ଈଶ୍ୱରଙ୍କ ଠାରୁ ପ୍ରାପ୍ତ ତୁମ୍ଭମାନଙ୍କର ଅନ୍ତର୍ବାସୀ ପବିତ୍ର ଆତ୍ମାଙ୍କ ମନ୍ଦିର, ଏହା କଅଣ ଜାଣ ନାହିଁ ? ଆଉ ଖ୍ରୀଷ୍ଟଙ୍କର ବଶୀଭୂତା, ସେହିପରି ସ୍ତ୍ରୀମାନେ ମଧ୍ୟ ସବୁ ବିଷୟରେ ଆପଣା ଆପଣା ସ୍ୱାମୀର ବଶୀଭୂତା ହୁଅନ୍ତୁ । ହେ ସ୍ୱାମୀମାନେ, ଖ୍ରୀଷ୍ଟ ଯେପରି ମଣ୍ଡଳୀକି ପ୍ରେମ କଲେ, ତୁମ୍ଭେମାନେ ମଧ୍ୟ ସେହିପରି ଆପଣା ଆପଣା ସ୍ତ୍ରୀମାନଙ୍କୁ ପ୍ରେମ କର, ସେ ତ' ତାହା ନିମନ୍ତେ ଆପଣାକୁ ଉତ୍ସର୍ଗ କଲେ ।'' (ଏଫିସୀ ୫:୨୨-୨୫) ସ୍ତ୍ରୀ, ଆପଣା ସ୍ୱାମୀକୁ ଆପଣା ମସ୍ତକ ସ୍ୱରୂପେ ଗ୍ରହଣ କରିବା ଆବଶ୍ୟକ, ତଥା ସ୍ୱାମୀ ସ୍ତ୍ରୀଙ୍କୁ ପ୍ରେମ କରିବା ଆବଶ୍ୟକ । ଏହା ହିଁ ମାନବକ ପରିବାର ନିମନ୍ତେ ପରମେଶ୍ୱରଙ୍କ ଯୋଜନା । ଏହି ଯୋଜନାନୁଯାୟୀ କର୍ମ କରାନଗଲେ, ସମସ୍ୟା ଉପୁଜେ ।

ପ୍ରତ୍ୟେକ ଖ୍ରୀଷ୍ଟିୟାନର ମଣ୍ଡଳୀ ପ୍ରତି କର୍ତ୍ତବ୍ୟ ରହିଅଛି । ଖ୍ରୀଷ୍ଟ ମଣ୍ଡଳୀକୁ ଏତେ ପ୍ରେମ କଲେ ଯେ, ତାହା ନିମନ୍ତେ ଆପଣାର ପ୍ରାଣଦାନ କଲେ । ଯେଉଁ

ମଣ୍ଡଳୀକୁ ଖ୍ରୀଷ୍ଟ ଆପଣା ପ୍ରାଣ ଠୁଁ ବଳି ପ୍ରେମ କରନ୍ତି, ସେହି ମଣ୍ଡଳୀକୁ ଆପଣ କେତେ ପ୍ରେମ କରୁଅଛନ୍ତି ? (ପ୍ରେରିତ ୨୦:୨୮) । ଖ୍ରୀଷ୍ଟଙ୍କ ଯେପରି ମନ ଥିଲା, ଆମ୍ଭମାନଙ୍କର ମନ ସେପରି ରହୁ । "ମଣ୍ଡଳୀ ମୋ ପାଇଁ କଅଣ କରେ ।" ବୋଲି ଅନେକେ ପ୍ରଶ୍ନ କରନ୍ତି । ସେମାନେ ମଣ୍ଡଳୀକୁ କିଛି ସାହାଯ୍ୟ ନକରି, ମଣ୍ଡଳୀ ସେମାନଙ୍କୁ ସାହାଯ୍ୟ କରିବା ଆବଶ୍ୟକ ବୋଲି ମନେ କରନ୍ତି । ଆମ୍ଭମାନଙ୍କ ସମୟ, ଅର୍ଥ ଓ ଅନ୍ୟାନ୍ୟ କାର୍ଯ୍ୟ ସମ୍ପନ୍ନ କରି ମଣ୍ଡଳୀର ଅଭିବୃଦ୍ଧିରେ ଯୋଗଦାନ କରିପାରୁଁ । କାରଣ ହଜିଯାଇଥିବା ଆତ୍ମାଗୁଡ଼ିକୁ ପରିତ୍ରାଣର ମାର୍ଗରେ କଢ଼ାଇବା ମଣ୍ଡଳୀର ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ଅଟେ । ଅନ୍ୟମାନଙ୍କ ଆତ୍ମା ନିମନ୍ତେ ଆମ୍ଭେମାନେ ଦାୟୀ ଅଟୁଁ । ପରମେଶ୍ୱର ଆମ୍ଭମାନଙ୍କ ଠାରୁ ଯେଉଁ ପ୍ରକାର ଜୀବନ ଲୋଡ଼ନ୍ତି, ତଦନୁଯାୟୀ ଜୀବନଯାପନ କଲେ, ଦିନ ଆସୁଛି ଯେବେ ଆମ୍ଭମାନଙ୍କୁ ତାହାଙ୍କ ବିଚାର ସିଂହାସନରେ ଉପସ୍ଥିତ ହେବାକୁ ହେବ । "ଜୀବିତ ଈଶ୍ୱରଙ୍କ ହସ୍ତରେ ପଡ଼ିବା ଭୟଙ୍କର ବିଷୟ ।"

**- Bible Teacher**

❋ ❋ ❋

## ମୋଶାଙ୍କ ପରବର୍ତ୍ତୀ ନେତା ଯିହୋଶୂୟ

**(Joshua, Moses successor)**

ଯିହୋଶୂୟଙ୍କ ଜୀବନୀରୁ, ଏକ ନେତାଙ୍କ ଠାରୁ ସଦାପ୍ରଭୁ କେଉଁ କେଉଁ ଗୁଣ ଲୋଡ଼ନ୍ତି ଜାଣି ପାରୁ । ସେ ଦଶଜଣ ଅବିଶ୍ୱସ୍ତ ଗୁପ୍ତଚର ଦେଇଥିବା କିଣାନ ଦେଶ ବିଷୟକ ସମାଚାରରେ ସମ୍ମତ ନୋହିଲେ ଏବଂ ଇଶ୍ରାଏଲୀୟ ସନ୍ତାନମାନଙ୍କୁ ଆଗକୁ ଅଗ୍ରସର ହୋଇ କିଣାନ ଦେଶ ହସ୍ତଗତ କରିବା ନିମନ୍ତେ ଉତ୍ସାହିତ କରିଥିଲେ । (ଗଣନା ୧୩:୧୧-୧୪) । ସଦାପ୍ରଭୁ ସେମାନଙ୍କୁ ଦୁଗ୍ଧ ଓ ମଧୁ ପ୍ରବାହିତ ଦେଶ ଯେ ପ୍ରଦାନ କରିବେ, ଏହା ତାହାଙ୍କ ଦୃଢ଼ ବିଶ୍ୱାସ ଥିଲା ।

ସଦାପ୍ରଭୁ ଅନେକ ଘଟଣା ଦ୍ୱାରା, ଯିହୋଶୂୟଙ୍କୁ ଏକ ଉତ୍ତମ ନେତା ରୂପେ ଗଢ଼ିଥିଲେ । ସେ ଅମାଲେକମାନଙ୍କ ବିରୁଦ୍ଧରେ ଯୁଦ୍ଧ କରି ବିଜୟୀ ହୋଇଥିଲେ । (ଯାତ୍ରା ୧୭:୮-୧୬) ମୋଶା ସୀନୟ ପର୍ବତ ଚଢ଼ି ପୁରାତନ ନିୟମ ଗ୍ରହଣ କରିବା ସମୟରେ ଓ ଓହ୍ଲାଇ ପ୍ରଜାମାନେ ସୁନାର ବାଛୁରୀ ପୂଜା କରିବା ସମୟରେ ମୋଶାଙ୍କ ସହିତ ଥିଲେ । (ଯାତ୍ରା ୨୪:୧୨-୧୩ ଓ ୩୨:୧୫-୨୦)

ଇଲହଦ୍ ଓ ମେଦଦ୍ ନାମକ ଦୁଇଜଣ ଛାଉଣୀ ମଧ୍ୟରେ ରହି ଭବିଷ୍ୟଦ୍‌ବାଣୀ ପ୍ରଚାର କରିବାରୁ, ମୋଶା ସେମାନଙ୍କୁ ନିଷେଧ ନ କରି ଆପଣା ନିଃସ୍ୱାର୍ଥପରତା ପ୍ରକଟ କରିଥିଲେ । ଯିହୋଶୂୟ ତାହାର ସ୍ୱଚକ୍ଷୁ ସାକ୍ଷୀ ଥିଲେ । (ଗଣନା ୧୧:୨୪-୩୦) ସ୍ୱର୍ଗସ୍ଥ ପିତା ମୋଶାଙ୍କୁ ଯିହୋଶୂୟଙ୍କ ମସ୍ତକ ଉପରେ ହସ୍ତାର୍ପଣ କରିବାକୁ ଆଜ୍ଞା ଦେଇଥିଲେ । ଯାହା ତାହାଙ୍କ ଠାରୁ ଯିହୋଶୂୟଙ୍କ ନିକଟକୁ ଅଧିକାର ସ୍ଥାନାନ୍ତର ହେବାର ସୂଚକ ଥିଲା ।

ସର୍ବପ୍ରଥମେ, ସଦାପ୍ରଭୁ ଯିହୋଶୂୟଙ୍କୁ ଇଶ୍ରାଏଲ୍ ସନ୍ତାନମାନଙ୍କୁ ଓ ତାହାଙ୍କ ମେଷପଲମାନଙ୍କୁ କିଣାନ ଦେଶକୁ କଢ଼ାଇ ନେବାକୁ ଆଦେଶ ଦେଇଥିଲେ । (ଯିହୋଶୂୟ ୧:୧,୨) । ଯର୍ଦ୍ଦନ ନଦୀ, ବନ୍ୟା ସମୟରେ ଏକ ମାଇଲ ପ୍ରଶସ୍ତ ଥିଲା । ଅବ୍ରାହାମଙ୍କୁ ପ୍ରତିଜ୍ଞା କରିଥିବା ସମସ୍ତ ପ୍ରଦେଶ, ସେ ଯିହୋଶୂୟଙ୍କ ଦ୍ୱାରା ଇଶ୍ରାଏଲ ସନ୍ତାନମାନଙ୍କୁ ଦେବାକୁ ପ୍ରତିଜ୍ଞା କରିଥିଲେ । (୧:୩,୪) । ଦକ୍ଷିଣରେ ଆରବୀୟ ମରୁଭୂମିରୁ ଉତ୍ତରରେ ଲିବାନେନ୍ ପର୍ବତ ଓ ପୂର୍ବରେ ଫରାତ୍ ନଦୀ ଓ ପଶ୍ଚିମରେ ମଧ୍ୟସ୍ଥ ମହାସାଗର ସେମାନଙ୍କ ସୀମା ଥିଲା ।

ମୋଶାଙ୍କ ସହ ଯେପରି ସହବର୍ତ୍ତୀ ଥିଲେ, ସଦାପ୍ରଭୁ ଯିହୋଶୂୟଙ୍କ ସହବର୍ତ୍ତୀ ହେବେ ବୋଲି ପ୍ରତିଜ୍ଞା କରିଥିଲେ । ମହାବିକ୍ରମଶାଳୀ ଫାରୋ ମଧ୍ୟ ମୋଶାଙ୍କ ପ୍ରତିରୋଧ କରି ନ ଥିଲେ ବୋଲି ଯିହୋଶୂୟ ଜାଣିଥିଲେ । କେହି ତାହାଙ୍କୁ ବିରୋଧ କରି ପାରିବେ ନାହିଁ ବୋଲି ସଦାପ୍ରଭୁଙ୍କ ତାହାଙ୍କ ପ୍ରତି ପ୍ରତିଜ୍ଞା ଥିଲା । ସେ ଯେତେଦିନ ପର୍ଯ୍ୟନ୍ତ ସଦାପ୍ରଭୁଙ୍କ ଆଜ୍ଞା ପାଳନ କରିଥିଲେ, ସେତେଦିନ ଯାଏଁ ସେ ଯିହୋଶୂୟଙ୍କ ସହବର୍ତ୍ତୀ ଥିଲେ । ମନୁଷ୍ୟର ମଙ୍ଗଳ ନିମନ୍ତେ ପ୍ରଦତ୍ତ ଆଜ୍ଞାପାଳନରେ ହିଁ ମନୁଷ୍ୟର

ମଙ୍ଗଳ । ସେ ତାହାର ପ୍ରତ୍ୟେକ କାର୍ଯ୍ୟରେ ଅଭିବୃଦ୍ଧି ପାଇ ସଫଳୀକୃତ ହେବ । (ଯିହୋଶୂୟ ୧:୫-୯) ଏହି ଯୁଗରେ ଆମ୍ଭେମାନେ ଆଶୀର୍ବାଦ ପ୍ରାପ୍ତ ହେବା ନିମନ୍ତେ ଖ୍ରୀଷ୍ଟଙ୍କ ନୂତନ ନିୟମ ପାଳନ କରୁ ।

**- Gary C. Hampton**

❋❋❋

## ନିରନ୍ତର ପ୍ରାର୍ଥନା କର

**(Pray without ceasing)**

ଆମ୍ଭେମାନେ ଅନେକ ସମୟ ଅନେକ ବିଷୟ ଚିନ୍ତା କରୁ । ତଦ୍ୱାରା ଉଦର ରୋଗାକ୍ରାନ୍ତ ହେଉ । ଅନେକେ ଏହି ସମସ୍ୟା ଦ୍ୱାରା ମୃତ୍ୟୁବରଣ କରନ୍ତି । କାରଣ ଆମ୍ଭେମାନେ ପ୍ରାର୍ଥନା ଓ ତାହାର ଶକ୍ତି ମନେ ରଖୁ ନାହିଁ । ପ୍ରେରିତ ପିତର କହିଲେ, ''ତୁମ୍ଭମାନଙ୍କର ସମସ୍ତ ଚିନ୍ତାର ଭାର ତାହାଙ୍କ ଉପରେ ପକାଅ, କାରଣ ସେ ତୁମ୍ଭମାନଙ୍କ ନିମନ୍ତେ ଚିନ୍ତା କରନ୍ତି ।'' (୧ମ ପିତର ୫:୭) । ସର୍ବଶକ୍ତିମାନ ପରମେଶ୍ୱରଙ୍କ ଆମ୍ଭମାନଙ୍କ ପ୍ରତି ପ୍ରେମ ଓ ତାହାଙ୍କ ଦତ୍ତ ରକ୍ଷଣା ସର୍ବଦା ମନେ ରଖୁ । ପ୍ରାର୍ଥନାର ଶକ୍ତି ଦ୍ୱାରା ଧାର୍ମିକ ବ୍ୟକ୍ତିମାନେ ଅନେକ କାର୍ଯ୍ୟ ସାଧନ କରିବାର ଉଦାହରଣ ଆମ୍ଭେମାନେ ବାଇବଲରେ ପଢ଼ିପାରୁ । ''ନିରନ୍ତର ପ୍ରାର୍ଥନା କର'' ବୋଲି ପ୍ରେରିତ ପାଉଲଙ୍କ ଏହି ଉପଦେଶ ସର୍ବଦା ମନେ ରଖୁ ।

ଆସ, ଆମ୍ଭେମାନେ ବାଇବଲ ଇତିହାସର କେତୋଟି ପ୍ରାର୍ଥନାଶୀଳ ବ୍ୟକ୍ତିମାନଙ୍କ ଜୀବନରୁ କିଛି ଶିକ୍ଷା କରିବା । ଇସ୍‌ହାକଙ୍କ କ୍ଷେତରେ ପ୍ରାର୍ଥନା କରୁଥିଲେ । (ଆଦି ୨୪:୬୩) । ଯାକୁବ, ଏକ ଝରଣା ତୀରେ ପ୍ରାର୍ଥନା କରିବା ବିଷୟ ଆଦିପୁସ୍ତକ ୩୨:୨୨-୨୪ ପଦରେ ପଢ଼ିଥାଉଁ । ଯିରିମିୟ ଭାବବାଦୀ ଗଭୀରତମ କୂପ ମଧ୍ୟରୁ ସଦାପ୍ରଭୁଙ୍କୁ ପ୍ରାର୍ଥନା କରିଥିଲେ । (ବିଳାପ ୩:୫୫) । ଦାନିୟେଲ ସିଂହ ଗୁହାରୁ ପ୍ରାର୍ଥନା କରିବା ବିଷୟ ଦାନିୟେଲ ଷଷ୍ଠ ଅଧ୍ୟାୟରେ ପଢ଼ିପାରୁ । ଯୂନସ୍ ବୃହତ୍ ମତ୍ସ୍ୟର ଉଦରରୁ (ଯୂନସ ୨:୧), ପିତର ଏକ ଗୃହର ଛାତ ଉପରୁ (ପ୍ରେରିତ ୧୦:୯) ଓ ପ୍ରେରିତ ପାଉଲ ବନ୍ଦୀଗୃହରୁ ସଦାପ୍ରଭୁଙ୍କ ଠାରେ ଆର୍ତ୍ତନାଦ କରିବା ବିଷୟ ବାକ୍ୟରେ ଲିଖିତ ଅଛି ।

ଖ୍ରୀଷ୍ଟଙ୍କ ଏହି ଜଗତରେ ମନୁଷ୍ୟ ଶରୀରଧାରୀ ହୋଇ ଜୀବନଯାପନ କରିବା ସମୟରେ ପ୍ରାର୍ଥନାଶୀଳ ବ୍ୟକ୍ତି ଥିଲେ । ଘଣ୍ଟା ଘଣ୍ଟା ଧରି ଓ ବେଳେବେଳେ ରାତ୍ରୀ ସାରା ସେ ପ୍ରାର୍ଥନାରେ ବିତାଉଥିଲେ । ଯୀଶୁଙ୍କ ପ୍ରାର୍ଥନାଶୀଳ ଶୈଳୀର ଜୀବନୀରେ ପ୍ରଭାବିତ ଶିଷ୍ୟମାନେ ତାହାଙ୍କୁ, ପ୍ରାର୍ଥନା ଶିଖାଇବାରେ ଅନୁରୋଧ କରିଥିଲେ । (ଲୂକ ୧୧:୧) । ଯୋହନ ୧୭ରେ ଲିଖିତ ତାହାଙ୍କ ପ୍ରାର୍ଥନା ତାହାଙ୍କ ଜୀବନର ଲକ୍ଷ୍ୟ, ଗଭୀରତା ଓ ଐଶ୍ୱର୍ଯ୍ୟତା ବର୍ଣ୍ଣନା କରେ । ଜଗତଦ୍ୱାରା ତୃଣୀକୃତ ତାହାଙ୍କ ଶିଷ୍ୟମାନେ ଓ ଅସଂଖ୍ୟ ଭକ୍ତମାନେ ଯାହାଙ୍କ ବିଷୟରେ ପବିତ୍ର ଶାସ୍ତ୍ରରେ ଲିଖିତ ହୋଇ ନାହିଁ ପ୍ରାର୍ଥନାର ଶକ୍ତି ବିଷୟ ଜ୍ଞାତ ହୋଇ, ଏହି ଅସ୍ତ୍ର ଦ୍ୱାରା ଅନେକ ବିଷୟ ସାଧନ କରିଥିଲେ । ପରମେଶ୍ୱରଙ୍କ ନିକଟବର୍ତ୍ତୀ ହୋଇଥିଲେ ।

"......ଧାର୍ମିକ ବ୍ୟକ୍ତିର ପ୍ରାର୍ଥନା ଅନେକ କାର୍ଯ୍ୟ ସାଧନ କରିପାରେ । (ଯାକୁବ ୫:୧୬)

**- Dalton Key**

❋❋❋

## ଯୀଶୁଙ୍କ ଅନୁଚରମାନଙ୍କ ବାକ୍ୟଗତ ନାମମାନ
### (Bible Name, for the followers of Jesus)

ପୁରାତନ ନିୟମରେ ପରମେଶ୍ୱରଙ୍କ ସନ୍ତାନମାନେ "ଇଶ୍ରାଏଲୀୟ" ରୂପେ ପରିଚିତ ଥିଲେ । କିନ୍ତୁ ନୂତନ ନିୟମରେ ଯୀଶୁଖ୍ରୀଷ୍ଟଙ୍କ ଅନୁଚରମାନେ କେଉଁ ନାମରେ ପରିଚିତ ? ସେମାନଙ୍କୁ କି ବିଶେଷ ନାମ ଦିଆଯାଇଅଛି ? ଯଦି ଦିଆଯାଇଅଛି, ତାହା କେଉଁ ନାମ ?

ଏହି ସବୁ ପ୍ରଶ୍ନ ଓ ସେଗୁଡ଼ିକର ଉତ୍ତର ମଧ୍ୟ ପ୍ରାଧାନ୍ୟତାର ବିଷୟ ! କାରଣ ବାଇବଲରେ "ନାମ"କୁ ପ୍ରାଧାନ୍ୟତା ଦିଆଯାଏ । ଖ୍ରୀଷ୍ଟଙ୍କ ଅନୁଚରମାନଙ୍କୁ ନୂତନ ନିୟମରେ ଦେଇଥିବା ଚାରୋଟି ନାମ ବିଷୟରେ ଏହି ଅଧ୍ୟାୟରେ ବର୍ଣ୍ଣନା କରିବା ।

ଶିଷ୍ୟ (Disciple) ବୋଲି ଏହି ନାମ ସୁସମାଚାରମାନଙ୍କରେ ଲିଖିତ ହୁଏ । ପ୍ରେରିତମାନଙ୍କ କାର୍ଯ୍ୟାବଳୀର ପୁସ୍ତକରେ ଏହି ନାମ ଅଳ୍ପ ସଂଖ୍ୟାରେ ଓ ଅବଶିଷ୍ଟାଂଶ ପୁସ୍ତକଗୁଡ଼ିକରେ ଏହି ନାମ ଉଲ୍ଲେଖିତ ହୁଏ ନାହିଁ । ଏହି ପଦର ଅର୍ଥ,

ଛାତ୍ର ଅର୍ଥାତ୍ ଯେ ଶିଷ୍ୟତ୍ୱ ଗ୍ରହଣ କରେ ! ଯୀଶୁଙ୍କ ଶିଷ୍ୟ ଅର୍ଥାତ୍ ତାହାଙ୍କ ଆଜ୍ଞାବହ ତାହାଙ୍କ ଅନୁଚର । ଯୀଶୁ ଏକ ପ୍ରଖ୍ୟାତ ଗୁରୁ ଭାବେ ପରିଚିତ ଥିବାରୁ, ତାହାଙ୍କ ଅନୁଚରମାନେ ଶିଷ୍ୟଭାବେ ପରିଗଣିତ ହେବା ସମୁଚିତ ନୂତନ ନିୟମ ସ୍ଥାପନ ସମୟରେ ଖ୍ରୀଷ୍ଟଙ୍କ ଅନୁଚରମାନେ ''ଶିଷ୍ୟ'' ରୂପେ ଯେପରି ପରିଗଣିତ ହେଲେ, ଏବେ ମଧ୍ୟ ତାହାଙ୍କ ଅନୁଗତମାନେ ତାହାଙ୍କ ଶିଷ୍ୟ ।

ଦ୍ୱିତୀୟ ନାମ ''ଭାଇ'' (ଭାଇ ଓ ଭଉଣୀ) । ଯୀଶୁ, ମାଥିଉ ୨୩:୮, ''......ପୁଣି ତୁମ୍ଭେ ସମସ୍ତେ ଭାଇ'' ଯୀଶୁଖ୍ରୀଷ୍ଟଙ୍କ ସ୍ୱର୍ଗାରୋହଣ ପରେ, ଏହି ନାମ ଅଧିକତର ଭାବେ ବ୍ୟାବହୃତ ହୋଇଅଛି ପ୍ରେରିତ ପିତର ମଣ୍ଡଳୀର ସଭ୍ୟମାନଙ୍କୁ ''ଭାଇମାନେ'' (Brothers) ବୋଲି ୧ମ ପିତର ୨:୧୭) ବୋଲି ୧ମ ପିତର ୨:୧୭ରେ କହନ୍ତି । ପ୍ରେରିତ ପାଉଲ ଆପଣା ଲେଖନୀରେ ଅନେକଥର ଏହି ପଦ ବ୍ୟବହୃତ କରନ୍ତି ।

(୧) ୧ମ କରିନ୍ଥୀ ୬:୮ : ''ତୁମ୍ଭେମାନେ ନିଜେ ନିଜେ ଅନ୍ୟାୟ ଓ କ୍ଷତି କରୁଅଛ, ପୁଣି ତାହା ଭାଇମାନଙ୍କ ପ୍ରତି କରୁଅଛ ।'' (୨) ଗାଲାତୀ ୬:୧–''ହେ ଭାଇମାନେ, ଯଦି କେହି କୌଣସି ଅପରାଧରେ ଧରାପଡ଼େ....'' (୩) ''ରୋମୀୟ ୧୨:୧୦–''ଭ୍ରାତୃପ୍ରେମରେ ପରସ୍ପର ପ୍ରତି ସ୍ନେହଶୀଳ ହୁଅ ।'' ''ଭାଇ'' କିଅବା ''ଭ୍ରାତୃ''ର ଅର୍ଥ ଅନ୍ୟମାନଙ୍କ ଠାରୁ ଅଧିକ ଭାବେ, ପରସ୍ପର ପ୍ରତି ପ୍ରେମ, ଅନୁରାଗ, ଦାୟିତ୍ୱ ଓ କର୍ତ୍ତବ୍ୟ ରହିଅଛି । ଏହି ଭ୍ରାତୃତ୍ୱର ବନ୍ଧନ ଏତେ ଗଭୀର ଯେ, ଏକ ଆରେକ ବିରୁଦ୍ଧରେ ପାପ କରିବାର ଅର୍ଥ ଖ୍ରୀଷ୍ଟଙ୍କ ବିରୁଦ୍ଧରେ ପାପ କରିବା । ''ଏହି ପ୍ରକାରେ ଭାଇମାନଙ୍କ ବିରୁଦ୍ଧରେ ପାପ କରି ଓ ସେମାନଙ୍କ ଦୁର୍ବଳ ବିବେକକୁ ଆଘାତ କରି ତୁମ୍ଭେମାନେ ଖ୍ରୀଷ୍ଟଙ୍କ ବିରୁଦ୍ଧରେ ପାପ କରୁଅଛ ।'' (୧ମ କରିନ୍ଥୀ ୮:୧୨) । ଖ୍ରୀଷ୍ଟଙ୍କ ଅନୁସରଣ କରି, ଅନେକ ଭାଇ ଓ ଭଉଣୀମାନଙ୍କୁ ପାଇବାର ସୁଯୋଗ ପାଇଥାଉ ।

ତୃତୀୟ ନାମ ''ସାଧୁ'' (Saint) । ଏହି ନାମ ବିସ୍ତୃତ ଭାବେ ବ୍ୟବହୃତ ହୁଏ ନାହିଁ । ''ସାଧୁ ଅର୍ଥ ଯେ କି ପବିତ୍ର । ଈଶ୍ୱର ଭକ୍ତ କିଅବା ଧାର୍ମିକ । ଧାର୍ମିକତାରେ

ଯେଉଁମାନେ ଶ୍ରେଷ୍ଠତର ମାନବମାନଙ୍କୁ ସାଧୁ ନ କହି, ଯେକେହି ଈଶ୍ୱରଙ୍କ ଦୃଷ୍ଟିରେ ଧର୍ମପରାୟଣ, ସେମାନେ ''ସାଧୁ'' ଅଟନ୍ତି ।

''ସାଧୁ'' ନାମ ନୂତନ ନିୟମରେ ଅନେକ ଥର ପଢ଼ିବାକୁ ପାଇଥାଉ । ଉ:ସ୍ୱ ପ୍ରେରିତମାନଙ୍କ କାର୍ଯ୍ୟାବଳୀରେ ହନନୀୟ ଶାଉଲଙ୍କ ପ୍ରତି ଏହି ଲୋକ ଯେ କେତେ ଉପଦ୍ରବ କରିଅଛି, ତାହା ମୁଁ ଅନେକଙ୍କ ଠାରୁ ଏହି ଲୋକ ବିଷୟରେ ଶୁଣିଅଛି ।'' (୯:୧୩) ଯାଫୋ ନିବାସୀ ଦର୍କାଙ୍କୁ ମୃତ୍ୟୁରୁ ପୁନଃଜୀବିତ କରି ପିତର ''......ସାଧୁମାନଙ୍କୁଓ ବିଧବାମାନଙ୍କୁ ଡାକି ତାଙ୍କୁ ଜୀବିତ ଦେଖାଇଲେ ।'' (ପ୍ରେରିତ ୯:୪୧) । ଏହିପରି ଅନେକ ଥର ନୂତନ ନିୟମରେ ଖ୍ରୀଷ୍ଟଙ୍କ ଅନୁଚରମାନଙ୍କୁ ''ସାଧୁ'' ରୂପେ ଉଲ୍ଲେଖିତ କରାଯାଏ । ନିଶ୍ଚିତ ଭାବେ, ଖ୍ରୀଷ୍ଟଙ୍କ ପ୍ରକୃତ ଅନୁଚରମାନେ ''ସାଧୁ'' ଅଟନ୍ତି ।

ଚତୁର୍ଥରେ, ବର୍ତ୍ତମାନ ଯୁଗରେ ସାଧାରଣତଃ ଖ୍ରୀଷ୍ଟଙ୍କ ଅନୁଚରମାନେ ''ଖ୍ରୀଷ୍ଟିୟାନ'' ରୂପେ ପରିଚିତ । ଅଳ୍ପ କିଛି ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସୀ ପ୍ରତ୍ୟେକଙ୍କୁ ''ଖ୍ରୀଷ୍ଟିୟାନ'' ନାମରେ ପରିଚିତ ହେବା ଦୁଃଖର ବିଷୟ । କାରଣ ସଦ୍‌ହୃଦୟୀ ଖ୍ରୀଷ୍ଟଙ୍କ ଅନୁଚରମାନେ ହିଁ ପ୍ରକୃତ ''ଖ୍ରୀଷ୍ଟିୟାନ'' ଅଟନ୍ତି । କେବଳ ତାହାଙ୍କ ଠାରେ ବିଶ୍ୱାସ କରି ତାହାଙ୍କ ବାକ୍ୟ ଅନୁସରଣ ନ କରିବାଲୋକେ ପ୍ରକୃତ ଖ୍ରୀଷ୍ଟିୟାନ ନୁହନ୍ତି ।

ଖ୍ରୀଷ୍ଟଙ୍କ ମଣ୍ଡଳୀ ସ୍ଥାପନ ହେବାର ଆଦ୍ୟ ସମୟରେ, ପରିବର୍ତ୍ତିତ ହେବା ସଙ୍ଗେ ସଙ୍ଗେ ''ଖ୍ରୀଷ୍ଟିୟାନ'' ରୂପେ ପରିତ ହେଉ ନ ଥିଲେ । ''ଖ୍ରୀଷ୍ଟିୟାନ'' ନାମ ପ୍ରଥମେ କିପରି ପ୍ରଚଳନରେ ଆସିଲା, ତାହାର ବର୍ଣ୍ଣନା ପବିତ୍ର ବାଇବଲରେ ଲିଖିତ ହୁଏ ନାହିଁ । କିନ୍ତୁ ପ୍ରେରିତମାନଙ୍କ କାର୍ଯ୍ୟାବଳୀର ପୁସ୍ତକ ଏକାଦଶ ଅଧ୍ୟାୟରେ ଷଷ୍ଠବିଂଶ ବଚନରେ ଲେଖାଯାଏ, ''......ପୁଣି ଆନ୍ତିୟଖିଆରେ ଶିଷ୍ୟମାନେ ପ୍ରଥମେ ଖ୍ରୀଷ୍ଟିୟାନ ବୋଲି ଅଖ୍ୟାତ ହେଲେ ।'' ରାଜା ଆଗ୍ରିପପାଙ୍କୁ ଖ୍ରୀଷ୍ଟଙ୍କ ବିଷୟରେ ପ୍ରେରିତ ପାଉଲ ଶିକ୍ଷା ଦେବା ସମୟରେ କହିଲେ,''....ହେ ରାଜନ୍ ଆଗ୍ରିପପା, ଆପଣ କଅଣ ଭାବବାଦୀମାନଙ୍କୁ ବିଶ୍ୱାସ କରନ୍ତି, ଆପଣ କରନ୍ତି ବୋଲି ଜାଣେ ।'' (ପ୍ରେ:କା

୨୬:୨୭) । ରାଜା ଉତ୍ତର ଦେଲେ,"....ଅଳ୍ପ କଥାରେ ତ ତୁମ୍ଭେ ଆମ୍ଭଙ୍କୁ ଖ୍ରୀଷ୍ଟିୟାନ କରିପାର ବୋଲି ମନେ କରୁଅଛ ।" (୨୮ତମ ପଦ) । ରାଜା ଆଗ୍ରିପପା ଖ୍ରୀଷ୍ଟ ବିଶ୍ୱାସୀ ଥିଲେ କିନ୍ତୁ ସେ ନିଜେ ତାହାଙ୍କ "ଅନୁଚର" କିଅବା ଖ୍ରୀଷ୍ଟିୟାନ ନ ଥିଲେ । ସେ ଖ୍ରୀଷ୍ଟଙ୍କ ଆଜ୍ଞାସକଳର ପାଳନ କରି ନ ଥିଲେ । "ଖ୍ରୀଷ୍ଟିୟାନ" ପଦ ତୃତୀୟ ଥର ୧ମ ପିତର ୪:୧୬ରେ ପଢ଼ିପାରୁ, ଯାହା କହେ, "କେହି ଯଦି ଖ୍ରୀଷ୍ଟିୟାନ ହେବାରୁ ଦଣ୍ଡ ଭୋଗ କରେ, ତାହାହେଲେ ସେ ଲଜ୍ଜା ବୋଧ ନ କରୁ, ବରଂ ଏହି ନାମ ହେତୁରୁ ଈଶ୍ୱରଙ୍କ ମହିମା କୀର୍ତ୍ତନ କରୁ ।" (୧ମ ପିତର ୪:୧୬)

ଖ୍ରୀଷ୍ଟିୟାନ, ସାଧୁ, ଭାଇ, ଭଉଣୀ, ଶିଷ୍ୟ ପ୍ରଭୃତି ନାମ ଧାରଣ କରିବା ସୌଭାଗ୍ୟର ବିଷୟ ଓ ଦାୟିତ୍ୱ ଜନିତ । ଏହି ନାମ ଗର୍ବ ସହକାରେ ଧାରଣ କରୁ ।

**- Byron Nichols**

❋❋❋

# ଅତି ପବିତ୍ର ସ୍ଥାନରେ
## (In the Holy of Holies)

ଆମ୍ଭେମାନେ ଯଦି ପରମେଶ୍ୱର ଅତି ପବିତ୍ର ସ୍ଥାନରେ ଅଛୁ, ତାହାହେଲେ ପରମେଶ୍ୱରଙ୍କ ମନ୍ଦିରର ବାହାରେ ନାହୁଁ । ଆମ୍ଭେ ଯଦି "ଖ୍ରୀଷ୍ଟଙ୍କ ଠାରେ ଅଛୁ", ଆମ୍ଭେମାନେ ବାହାରେ ଅନ୍ଧକାରରେ ନାହୁଁ । ଆମ୍ଭେମାନେ ଯଦି ଈଶ୍ୱରଙ୍କ ରାଜ୍ୟରେ ଅଛୁ, ତାହାହେଲେ ଶୟତାନର ରାଜ୍ୟରେ ନାହୁଁ, ଆମ୍ଭେ ପରମେଶ୍ୱରଙ୍କ ସନ୍ତାନ, ନଚେତ୍ ଶୟତାନର । ପବିତ୍ର ବାକ୍ୟ ଏହି ଦୁଇ ଶ୍ରେଣୀର ମଧ୍ୟସ୍ଥ ଶ୍ରେଣୀ ବିଷୟରେ କହେ ନାହିଁ । ଯଦି ଲୋକେ ସ୍ୱର୍ଗରାଜ୍ୟର ନିକଟସ୍ଥରେ ଥାନ୍ତି, ସେମାନେ ସ୍ୱର୍ଗରାଜ୍ୟରେ ନାହାନ୍ତି । ଯେଉଁମାନେ ଖ୍ରୀଷ୍ଟଙ୍କ ଆତ୍ମା ପାଇନାହାନ୍ତି, ସେମାନେ ଖ୍ରୀଷ୍ଟଙ୍କର ନୁହନ୍ତି । (ରୋମୀୟ ୮:୯) । ଆମ୍ଭେମାନେ କ୍ଷମାପ୍ରାପ୍ତ ଶ୍ରେଣୀରେ ଅଛୁ, ନଚେତ୍ ଏବେ ପର୍ଯ୍ୟନ୍ତ ପାପଭାର ବହନ କରୁଛୁ !

ଏହି ଜଗତରେ କେବଳ ଦୁଇବର୍ଗର ଲୋକ ଅଛନ୍ତି । କିନ୍ତୁ ଲୋକେ ଏ ବିଷୟରେ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି । ଯୀଶୁ ଓ ଓସାର ପଥ । ଯେଉଁମାନେ ଈଶ୍ୱରଙ୍କ ଅଦ୍ୱିତୀୟ ପୁତ୍ରଙ୍କ ରକ୍ତରେ ଧୌତ ହୋଇ ବିଶ୍ୱସ୍ତ ଜୀବନଯାପନ କରନ୍ତି ସେମାନେ ସଂକୀର୍ଣ୍ଣ ପଥର ଯାତ୍ରୀ । ଏହି ଜୀବନର ଶେଷରେ ପରମେଶ୍ୱର ସେମାନଙ୍କୁ ନିଜ ଗୃହରେ ଗ୍ରହଣ କରିବେ । ବାକ୍ୟ କହେ,"କାରଣ ପ୍ରଭୁ ଯୀଶୁ ଯେତେବେଳେ ଆପଣା ଶକ୍ତିମାନ୍ ଦୂତ ସହିତ ପ୍ରଜ୍ୱଳିତ ଅଗ୍ନି ସ୍ୱର୍ଗରୁ ପ୍ରକାଶିତ ହେବେ, ସେତେବେଳେ ତୁମ୍ଭମାନଙ୍କୁ କ୍ଳେଶ ଦେଉଥିବା ଲୋକମାନଙ୍କୁ ପ୍ରତିଫଳ ସ୍ୱରୂପେ କ୍ଳେଶ ଦେବା ଓ କ୍ଳେଶ ଭୋଗ କରୁଅଛୁ ଯେ ତୁମ୍ଭେମାନେ ତୁମ୍ଭମାନଙ୍କ ସହ ବିଶ୍ରାମ ଦେବା, ଏହା ତ ଈଶ୍ୱରଙ୍କ ପକ୍ଷରେ ନ୍ୟାୟର ବିଷୟ...." (୨ୟ ଥେସ ୧:୭,୮)

ଆମ୍ଭେମାନେ ଅତି ପବିତ୍ର ସ୍ଥାନର ଭିତରେ ଅଛୁ, କିଅବା ବାହାରେ ଅଛୁ । ମଧ୍ୟବର୍ତ୍ତୀ ସ୍ଥାନ ନାହିଁ । ସଦାପ୍ରଭୁଙ୍କ ଧନ୍ୟବାଦ ହେଉ, ସେ ଆମ୍ଭମାନଙ୍କୁ ତାହାଙ୍କ ପୁତ୍ରଙ୍କ ଦ୍ୱାରା ଅତି ପବିତ୍ର ସ୍ଥାନରେ ଅର୍ନ୍ତଭୂକ୍ତ କରିଅଛନ୍ତି । ଯେଉଁମାନେ ଅତି ପବିତ୍ର ସ୍ଥାନର ବାହାରେ ଅଛନ୍ତି, ସେମାନଙ୍କୁ ଭିତରକୁ ଆଣିବାରେ କାର୍ଯ୍ୟ କରୁ ।

**- Doyle Kee**

❋❋❋

# କ୍ଷମାଶୀଳ ଈଶ୍ୱର

ଈଶ୍ୱରପରାୟଣତାର ଅର୍ଥ ଐଶ୍ୱରିକ ଗୁଣ ବିଶିଷ୍ଟ । ଈଶ୍ୱରଙ୍କ ଗୁଣ ପ୍ରାପ୍ତ ହେବାର ଆବଶ୍ୟକତା ଥିବା ସତ୍ତ୍ୱେ ଆମ୍ଭେମାନେ ଅନେକ ସମୟରେ ଝୁଣ୍ଟିପଡୁ । ଆମ୍ଭମାନଙ୍କ ସ୍ୱଭାବ ଆମ୍ଭମାନଙ୍କ ବ୍ୟବହାରରେ ପ୍ରସ୍ଫୁଟିତ ହୁଏ । କାରଣ ଆମ୍ଭେମାନେ ତାହାଙ୍କର ଅଟୁ । ଆମ୍ଭେମାନେ ତାହାଙ୍କ ଆଜ୍ଞା ପାଳନ କରିବା ଦ୍ୱାରା ସେ ଆମ୍ଭମାନଙ୍କ ମଧ୍ୟରେ ବାସ କରନ୍ତି ।

୧ମ ଯୋହନ ୪:୧୨ ପଦରେ ପ୍ରେମ ବିଷୟରେ ଯୋହନ କହନ୍ତି,"କେହି କେବେ ଈଶ୍ୱରଙ୍କୁ ଦେଖି ନାହିଁ, ଆମ୍ଭେମାନେ ଯଦି ପରସ୍ପରକୁ ପ୍ରେମ କରୁ, ତାହାହେଲେ

ଈଶ୍ୱର ଆମ୍ଭମାନଙ୍କ ଠାରେ ଅଛନ୍ତି ଓ ତାହାଙ୍କ ପ୍ରେମ ଆମ୍ଭମାନଙ୍କ ଠାରେ ସିଦ୍ଧ ହୋଇଅଛି । ଈଶ୍ୱରଙ୍କ ପ୍ରେମ ଆମ୍ଭମାନଙ୍କ ଜ୍ଞାନର ସୀମାର ଅତି ଉଚ୍ଚ । ତାହାଙ୍କ ପ୍ରେମର ଉଚ୍ଚତା ଓ ଗଭୀରତା ତାହାଙ୍କ ବାକ୍ୟ ଧ୍ୟାନ କରିବା ଦ୍ୱାରା ବୁଝିପାରିବା ।

ଭାବବାଦୀ ଯିଶାଇୟ ଓ ତାହାଙ୍କ ସହସାମୟିକ ଭାବବାଦୀ ମୀଖା ଉଭୟେ ପରମେଶ୍ୱରଙ୍କ ଆଜ୍ଞା ଅମାନ୍ୟ କରିବାର ପ୍ରତିଫଳ ପ୍ରକଟ କରିଥିଲେ । ମୀଖା ପୁସ୍ତକର ଶେଷ ଅଧ୍ୟାୟରେ ସେ କହନ୍ତି, "ତୁମ୍ଭ ତୁଲ୍ୟ ପରମେଶ୍ୱର କିଏ ? ତୁମ୍ଭେ ଅଧର୍ମ କ୍ଷମା କରୁଥାଅ ଓ ଆପଣା ଅଧିକାରର ଅବଶିଷ୍ଟାଂଶ ଲୋକଙ୍କର ଆଜ୍ଞାଲଂଘନର ପ୍ରତି ଉପେକ୍ଷା କରିଥାଅ, ସେ ଚିରକାଳ ଆପଣା କ୍ରୋଧ ରଖନ୍ତି ନାହିଁ । କାରଣରେ ସେ ଦୟାରେ ସନ୍ତୁଷ୍ଟ ଥାଆନ୍ତି ।

"ସେ ପୁନର୍ବାର ଫେରି ଆମ୍ଭମାନଙ୍କ ପ୍ରତି କୃପା କରିବେ, ସେ ଆମ୍ଭମାନଙ୍କର ଅଧର୍ମ ସକଳ ପଦ ତଳେ ଦଳିବେ, ଆଉ ତୁମ୍ଭେ ସେମାନଙ୍କର ଯାବତୀୟ ପାପ ସମୁଦ୍ରର ଅଗାଧ ଜଳରେ ନିକ୍ଷେପ କରିବ ।" (ମୀଖା ୭:୧୮,୧୯) ଆମ୍ଭମାନଙ୍କର ଈଶ୍ୱର କ୍ଷମାଶୀଳ ପରମେଶ୍ୱର । ଏହା ହିଁ ଆମ୍ଭମାନଙ୍କ ଭରସା । ସେ ଆମ୍ଭମାନଙ୍କ "ଅଧର୍ମ-ସକଳ" ଓ "ଯାବତୀୟ ପାପ" ଅଗାଧ ସମୁଦ୍ରରେ ନିକ୍ଷେପ କରିବେ । ଆମ୍ଭମାନଙ୍କ ମହାନ୍ ପରମେଶ୍ୱର କ୍ଷମାଶୀଳ ପିତା ଅଟନ୍ତି ।

**- Jack W. Carter**

❋❋❋

## ମନୋନୀତ କର

**(Choose for yourselves)**

"ଯଦିବା ସଦାପ୍ରଭୁଙ୍କୁ ସେବା କରିବା ତୁମ୍ଭମାନଙ୍କ ଦୃଷ୍ଟିରେ ମନ୍ଦ ଦିଶେ, ତେବେ ତୁମ୍ଭେମାନେ କାହାର ସେବା କରିବ, ତାହା ଆଜି ମନୋନୀତ କର, କି ନଦୀ ସେପାରିରେ ତୁମ୍ଭମାନଙ୍କ ପୂର୍ବପୁରୁଷମାନେ ଯେଉଁ ଦେବତାମାନଙ୍କୁ ସେବା କଲେ, ସେମାନଙ୍କ କିଅବା ଯେଉଁ ଇମୋରୀୟମାନଙ୍କ ଦେଶରେ ତୁମ୍ଭେମାନେ ବାସ କରୁଅଛ,

ସେମାନଙ୍କ ଦେବତାମାନଙ୍କୁ (ସେବା କରିବ ମନୋନୀତ କର); ମୁଁ ଓ ମୋହର ପରିଜନ, ଆମ୍ଭେମାନେ ସଦାପ୍ରଭୁଙ୍କୁ ସେବା କରିବା ।'' (ଯିହୋଶୂୟ ୨୪:୧୫)

**ମନୁଷ୍ୟଙ୍କୁ ମନୋନୀତ କରିବାର ଶକ୍ତି ଦିଆଯାଇଅଛି :-**

ଏଥି ନିମନ୍ତେ ସଦାପ୍ରଭୁ ମନୁଷ୍ୟଙ୍କୁ ସୃଷ୍ଟି କଲେ । ତାଙ୍କୁ ନିର୍ଣ୍ଣୟ କରିବାର ଶକ୍ତି ଦିଆଯାଇଅଛି । ମନୁଷ୍ୟ ଆପଣା ସ୍ୱଇଚ୍ଛାରେ ଏହି ଜାଗତିକ ଜୀବନଯାପନ କରିପାରେ । ଯିହୋଶୂୟ, ଆପଣାର ଜୀବନର ଶେଷଦଶାରେ, ଇଶ୍ରାଏଲ ଗୋଷ୍ଠୀଙ୍କୁ ସେମାନଙ୍କ ମନୋନୀତ କରିବାର ଶକ୍ତିକୁ ପୁନର୍ବାର ମନେ ପକାଉ ଅଛନ୍ତି । ମନୁଷ୍ୟ ଆପଣା ଦ୍ୱାରା ମନୋନୀତ ନିର୍ଣ୍ଣୟର ପ୍ରତିଫଳ ଆପେ ବହନ କରେ । ମନୁଷ୍ୟ ଯେବେ ପାପମୟ ଜୀବନ ମନୋନୀତ କରେ, ତାହାର ପ୍ରତିଫଳ ମୃତ୍ୟୁ ଭୋଗିବ । ଯୀଶୁଖ୍ରୀଷ୍ଟଙ୍କୁ ଆପଣା ଜୀବନର କର୍ତ୍ତା ରୂପେ ମନୋନୀତ କଲେ, ଅନନ୍ତ ଜୀବନ ପ୍ରାପ୍ତ ହେବ ।

**''ଆଜି'' ହିଁ ମନୋନୀତ କରୁ :** ଅନେକେ ନିର୍ଣ୍ଣୟ ନେବାରେ ବିଳମ୍ବ କରନ୍ତି । ଯୀଶୁଖ୍ରୀଷ୍ଟଙ୍କ ଆଜ୍ଞାବହ ହେବାରେ, ବାପ୍ତିସ୍ମ ନେବାରେ ଅବହେଳା କରନ୍ତି । ଆପଣ ''ଆଜି'' ଯଦି ଯୀଶୁଖ୍ରୀଷ୍ଟଙ୍କ ଆଜ୍ଞାବହ ହୋଇନାହାନ୍ତି, ଅନ୍ୟ ଦେବଗଣର ଆଜ୍ଞାବହ ଅଟନ୍ତି । ଆପଣ ଯଦି ଯୀଶୁଖ୍ରୀଷ୍ଟଙ୍କର ଅନୁସରଣ କରୁନାହାନ୍ତି, ଅନ୍ୟଦେବଗଣଙ୍କର ଅନୁସରଣ କରୁଅଛନ୍ତି । ଆମ୍ଭେମାନେ ପ୍ରତିଦିନ ଆମ୍ଭମାନଙ୍କ ଜୀବନର ନିର୍ଣ୍ଣୟ ନେଇଥାଉ ? ଆଜି ଆପଣ କାହାର ଅନୁସରଣ କରୁଅଛନ୍ତି ? ଯେଉଁମାନେ ମନ ପରିବର୍ତ୍ତନ କରନ୍ତି, ସେମାନଙ୍କ ନିମନ୍ତେ ଆଜି ହିଁ ପରିତ୍ରାଣର ଦିନ ।

**ଯିହୋଶୂୟ ଉତ୍ତମ ବିଷୟ ମନୋନୀତ କରିଥିଲେ :**

ସେ ଓ ତାହାଙ୍କ ପରିଜନ ପରମେଶ୍ୱରଙ୍କୁ ସେବା କରିବା ନିମନ୍ତେ ମନୋନୀତ କରିଥିଲେ । ସେ ଏକ ସାହସୀ ଯୋଦ୍ଧା । ସେ ସଦାପ୍ରଭୁ ପରମେଶ୍ୱର ହିଁ ଏକମାତ୍ର ସତ୍ୟ ପରମେଶ୍ୱର ବୋଲି ଦୃଢ ଭାବେ ଜ୍ଞାତ ଥିଲେ । ଏହି ସତ୍ୟ, ଶକ୍ତିମାନ ପରମେଶ୍ୱର ସେମାନଙ୍କୁ ମିସରର ଦାସତ୍ୱରୁ ମୁକ୍ତ କରିଥିଲେ, ସେ ମନୋନୀତ କରିଥିବା ପରମେଶ୍ୱର

ସେମାନଙ୍କୁ ଅରଣ୍ୟରେ ୪୦ ବର୍ଷ ମାନ୍ନା ଦ୍ୱାରା ତୃପ୍ତ କରିଥିଲେ । ସେହି ପରମେଶ୍ୱର "ଦୁଗ୍ଧ ଓ ମଧୁ" ପ୍ରବାହିତ ଦେଶରେ କଢ଼ାଇ ଆଣିଥିଲେ । ସଦାପ୍ରଭୁ ସେମାନଙ୍କ ସୌରକ୍ଷଣ କର୍ତ୍ତା ଥିଲେ ।

ଆଜି ହିଁ ମନୋନୀତ କର : ଆପଣ କେଉଁ ଦେବତାର ସେବା କରିବାକୁ ଇଚ୍ଛା କରୁଅଛନ୍ତି, ଆଜି ହିଁ ମନୋନୀତ କର । ଆପଣ କି ସାଂସାରିକ ଅଭିଳାଷ, ଧନ ସମ୍ପଦ କିଅବା ଜାଗତିକ ସୁଖର ଦେବତାମାନଙ୍କୁ ସେବା କରୁଅଛନ୍ତି ? ପ୍ରିୟ ପାଠକ, ଆଜି ହିଁ ଯୀଶୁଖ୍ରୀଷ୍ଟଙ୍କୁ ଆପଣା ପରିତ୍ରାଣକର୍ତ୍ତା ରୂପେ ବିଶ୍ୱାସ କର ଓ ଗ୍ରହଣ କର । ଆପଣା ଆପଣା ପାପରୁ ମନ ପରିବର୍ତ୍ତନ କରି ବାପ୍ତିଜିତ ହୁଅ । (ପ୍ରେରିତ ୨:୩୮;୩:୧୯) । ଆପଣ ଯଦି ବିଶ୍ୱାସରୁ ପତିତ ହୋଇଅଛି । ଆଜି ହିଁ ପରମେଶ୍ୱରଙ୍କ ନିକଟକୁ ଫେରି ଆସିବାକୁ ମନୋନୀତ କର । (ପ୍ରେରିତ ୮:୨୨) ସଦାପ୍ରଭୁ ପରମେଶ୍ୱରଙ୍କୁ ମନୋନୀତ କରିବାରେ ନିର୍ଣ୍ଣୟ କରନ୍ତୁ, ଆଶୀର୍ବାଦ ପ୍ରାପ୍ତ ହେବେ ।

**- Loy Mitchel**

❋❋❋

## ପରମେଶ୍ୱରଙ୍କ ବିଶ୍ୱସ୍ତ ସନ୍ତାନଗଣ

**(God's faithful children)**

"ସଦାପ୍ରଭୁଙ୍କ ଦୃଷ୍ଟିରେ ତାହାଙ୍କ ସଦ୍‌ଭକ୍ତମାନଙ୍କ ମରଣ ବହୁମୂଲ୍ୟ ଅଟେ ।" (ଗୀତ ୧୧୬:୧୫) ଏହି ବାକ୍ୟ ଆମ୍ଭମାନଙ୍କୁ ଅନେକ ବିଶ୍ୱସ୍ତ ଖ୍ରୀଷ୍ଟିୟାନମାନଙ୍କୁ ସ୍ମରଣରେ ଆଣେ, ଯେଉଁମାନେ ଇହଲୋକରୁ ପରଲୋକକୁ ପ୍ରସ୍ଥାନ କରିଅଛନ୍ତି । ଆଧୁନିକ ଯୁଗରେ ସ୍ୱାସ୍ଥ୍ୟଜନକ ଉନ୍ନତି ହେଲେ ହେଁ, ମନୁଷ୍ୟର ମରଣ କେହି ଅଟକାଇ ପାରିବେ ନାହିଁ । ଆମ୍ଭମାନଙ୍କ ସଜୀବସ୍ଥାରେ ଯୀଶୁଖ୍ରୀଷ୍ଟଙ୍କ ଦ୍ୱିତୀୟ ଆଗମନ ନ ହେଲେ, ଦିନେ ନା ଦିନେ ଆମ୍ଭମାନଙ୍କ ମଧ୍ୟରୁ ପ୍ରତ୍ୟେକ ମୃତ୍ୟୁ ଭୋଗିବା । ଏବ୍ରୀ ପୁସ୍ତକ କର୍ତ୍ତା ଲେଖନ୍ତି, "ମନୁଷ୍ୟମାନଙ୍କ ନିମନ୍ତେ ଥରେ ମାତ୍ର ମୃତ୍ୟୁ, ତାହାପରେ

ବିଚାର ନିରୂପିତ ଅଛି....'' (ଏବ୍ରୀ ୯:୨୭) ତତ୍ପରେ ବିଶ୍ୱସ୍ତ ଖ୍ରୀଷ୍ଟିୟାନମାନେ ସଦାସର୍ବଦା ପରମେଶ୍ୱରଙ୍କ ସହ ନିବାସ କରିବେ ।

ପିତା ପରମେଶ୍ୱର ସୃଷ୍ଟିର ଆରମ୍ଭରେ, ମନୁଷ୍ୟମାନଙ୍କ ନିମନ୍ତେ ଏକ ତ୍ରାଣକର୍ତ୍ତା ଆବଶ୍ୟକ ବୋଲି ମନେ କରି କାଳ ସମ୍ପୂର୍ଣ୍ଣ ହେବା ପରେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଏହି ଜଗତକୁ ପ୍ରେରଣ କଲେ । ନିର୍ଦ୍ଦୋଷ ଓ ନିଷ୍ପାପୀ ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କ ପାପ ନିମନ୍ତେ ଆପଣାକୁ କ୍ରୁଶରେ ବଳି ଦେଲେ । ସୁସମାଚାର ଆଜ୍ଞାବହ ହେବା ଦ୍ୱାରା, ତାହାଙ୍କ ରକ୍ତ ଆମ୍ଭମାନଙ୍କ ପ୍ରତ୍ୟେକ ପାପ ଧୌତ କରେ । ଯେଉଁମାନେ ବିଶ୍ୱସ୍ତ ଖ୍ରୀଷ୍ଟିୟାନ ଜୀବନଯାପନ କରନ୍ତି, ତାହାଙ୍କ ରକ୍ତ ଦିନ ପ୍ରତିଦିନ ସେମାନଙ୍କୁ ଶୁଦ୍ଧ କରିଥାଏ । ପରମେଶ୍ୱରଙ୍କ ସମସ୍ତ ଆଶୀଷ ଓ ଅନନ୍ତଜୀବନ ନିମନ୍ତେ ତାହାଙ୍କ ଠାରେ ସଦାସର୍ବଦା କୃତଜ୍ଞ ରହୁ । ବିଶ୍ୱସ୍ତ ଖ୍ରୀଷ୍ଟିୟାନ ଜୀବନଯାପନ କଲେ, ମୃତ୍ୟୁ ପରେ ଅନନ୍ତ ଜୀବନ ମୁକୁଟପ୍ରାପ୍ତ ହେବା । (ପ୍ର:ବା: ୨:୧୦) ।

ଆମ୍ଭମାନଙ୍କ ନିମନ୍ତେ ସଞ୍ଚିତ ଅନନ୍ତ ଜୀବନର ସୁନ୍ଦର ଦୃଶ୍ୟ ପ୍ରେରିତ ଯୋହନ ପ୍ରକାଶିତ ବାକ୍ୟ ୨୧:୪ ପଦରେ ବର୍ଣ୍ଣନା କରନ୍ତି । ପୁଣି ଈଶ୍ୱର ସ୍ୱୟଂ ସେମାନଙ୍କ ସଙ୍ଗରେ ରହିବେ ଓ ସେମାନଙ୍କ ଚକ୍ଷୁରୁ ସମସ୍ତ ଅଶ୍ରୁଜଳ ପୋଛି ଦେବେ, ମୃତ୍ୟୁ ଆଉ ଘଟିବ ନାହିଁ, ଶୋକ କି କ୍ରନ୍ଦନ ବ୍ୟଥା ଆଉ ହେବ ନାହିଁ; କାରଣ ପୂର୍ବ ବିଷୟ ସବୁ ଲୋପ ପାଇଅଛି । ସ୍ୱର୍ଗ ଏକ ସୁନ୍ଦର ଓ ସୁଖମୟ ପ୍ରଦେଶ । ସେଠାରେ ପାପ କି ଦୁଃଖ ରହି ନାହିଁ । ଆମ୍ଭେମାନେ ଶାନ୍ତି ଓ ଆନନ୍ଦରେ ଚିରକାଳ ବାସ କରିବା । ତାହାଙ୍କ ବିଶ୍ୱସ୍ତ ସନ୍ତାନମାନଙ୍କ ନିମନ୍ତେ କେତେ ସୌଭାଗ୍ୟ ସଞ୍ଚିତ ହୋଇଅଛି ।

**- Dale Grissom**

❋❋❋

1. The Lord hath taken the Levites unto Himself (Num. 8:14)

a. They were taken in place of the firstborns among the Israelites (Num. 3:45).

b. The Israelites were commanded to give a portion of their offerings to the Levites (Num.18:21)

2. The Levites were not given their portion by the people (Neh.13:10).

3. The whole nation is guilty of robbing God (Mal. 3:9).

D. The Lord charged that the Israelites were speaking against God.

1. They have wearied the Lord with their words (Mal. 2:17a).

2. They have spoken stout against the Lord (Mal. 3:13a).

II. The denial of people of Israel of these charges.

A. The priests deny that they have despised His name (Mal. 1:6d).

B. The Israelites deny moving away from God (Mal. 3:7d).

C. The Israelites deny robbing the Lord (Mal. 3:8b).

D. The Israelites deny wearing and speaking against the Lord (Mal. 2:17b; 3:13c).

III. The Lord showed them proofs of their sins.

A. The Lord showed them specific proofs of their sins.

1. The priests despised His name by offering polluted bread and saying that the Table of the Lord is contemptible (Mal. 1:7).

a. They will not offer sacrifices to the Lord without a charge (Mal. 1:10)/

b. When the name of the Lord was great among the gentiles they called it as profane (Mal. 1:12)

c. They had brought to the Lord that which is lame, sick for an offering and the Lord did not accept their offerings (Mal. 1:14).

2. The Israelites have not kept His ordinances (Mal. 3:7b).

a. The Lord's blessings were always conditional (Deut. 28:1:14).

b. But many have gone astray from the Lord's ways (Jer. 6:16).

3. In their tithes and offerings they were robbing God (Mal. 3:8b,c).

a. The Israelites were commanded to give their tithes (Lev. 27:30-33).

b. From these tithes the Levites were given their protion.

4. When they said to those that did evil as good in the sight of the Lord they wearied Him (Mal. 2:17a, b).

a. When they called the God of Judgment in sarcasm (Mal. 2:17c).

b. When they said it is vain to serve the Lord (Mal. 3:14a).

c. When they complained that there is no profit in keeping the ordinance of God (Mal. 3:14b).

B. The Lord knows all things and the hearts of the people (Jer. 17:10).

IV. The call to repentance by the Lord.

A. The Lord called them to return to Him so that He will return to them (Mal. 3:7b)

B. If they bring all the tithes into the storehouse He will open windows of the heavens blessings upon them and no room will be enough to receive them (Mal. 3:10).

C. The Lord will hear those that fear of Him and speak often and He will write their names in the book of remembrance (Mal. 3:16).

V. Application to New Testament Christians.

A. Anyone that does not obey Him shows contempt for Him (2 Sam. 12:9-10).

B. When men make unauthorized changes to His Word they show their disrespect for Him (Heb. 10:29: Rev. 22:18).

C. The only possible way we can know what God wants is to learn from the word of God and not to go beyond it (1 Cor. 4:6: 2John 9).

D. Any worship that is offered insincerely or which is polluted by human thinking is not accepted by the Lord (Matt. 15:8-9).

E. The offering and sacrifices represent the New Testament worship.

1. The prayers of the saints are taken to the lamb (Rev. 5:8).

2. The fruit of our lips are sacrifices unto God (Heb. 13: 15-16).

3. Our bodies are living sacrifices presented unto God (Rom. 12:1-2).

**- RONNIE GOOTAM**

***Printed Book Only***

From :

**SATYA VANI**
P.O. Box 80,
Kakinada - 533 001

To

(FOR PRIVATE CIRCULATION ONLY)